କେବଳ ନିଛକ ସତ୍ୟ

ସୂର୍ଯ୍ୟପ୍ରଭା
SURYAPRAVA

ଦ୍ୱୈତନଗରୀ ସହ ୧୬ ପୃଷ୍ଠା

ଲୋକାର୍ପିତ ହେଲା ତେଲଙ୍ଗିରୀ ମଧ୍ୟମ ଜଳସେନ ପ୍ରକଳ୍ପ

❖ ଜଳସେଚିତ ହେବ ୯୯୫୨ ହେକ୍ଟର ଚାଷ ଜମି
❖ କୋରାପୁଟକୁ ୨ ହଜାର କୋଟିର ପ୍ରକଳ୍ପ ଭେଟିଦେଲେ ମୁଖ୍ୟମନ୍ତ୍ରୀ

।।ପ୍ରଭାନ୍ୟୁଜ୍।। ଜୟପୁର, ୫।୨ :

ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଆଜି କୋରାପୁଟ ଜିଲା ଗସ୍ତ କରି କୋରାପୁଟବାସୀଙ୍କୁ ଭେଟି ଦେଇଛନ୍ତି ୨ହଜାର କୋଟି ଟଙ୍କାର ବିଭିନ୍ନ ପ୍ରକଳ୍ପ। ଏହା ସହିତ ବହୁ ପ୍ରତୀକ୍ଷିତ ତେଲଙ୍ଗିରୀ ମଧ୍ୟମ ଜଳ ସେଚନ ପ୍ରକଳ୍ପକୁ ଲୋକାର୍ପିତ କରିଛନ୍ତି ମୁଖ୍ୟମନ୍ତ୍ରୀ। ୯୯୨.୮୫ କୋଟି ଟଙ୍କା ବ୍ୟୟରେ ନିର୍ମିତ ଏହି ଜଳସେଚନ ପ୍ରକଳ୍ପ ଦ୍ୱାରା ଆଦିବାସୀ ଅଧୁଷିତ କୋରାପୁଟ ଜିଲାର ଲୋକମାନେ ବହୁଳଭାବେ ଉପକୃତ ହେବେ। ଏହି ପ୍ରକଳ୍ପ ଜୟପୁର ଓ ବୋରିଗୁମ୍ମା ବ୍ଲକର ୫୨ଟି ଗ୍ରାମର ୯୯୫୨ ହେକ୍ଟର ଚାଷ ଜମିକୁ ଉଭୟ ଖରିଫ ଓ ରବି ଋତୁରେ ଜଳସେଚନ ଯୋଗାଇଦେବ। ୧୧୩୬.୪୧ କୋଟି ଟଙ୍କାର ୩୧ଟି ଜନହିତକାରୀ ପ୍ରକଳ୍ପର ଉଦଘାଟନ ସହ ୭୪୯ କୋଟି ଟଙ୍କାର ୯୪ଟି ଜନହିତକାରୀ ପ୍ରକଳ୍ପର ଭିତ୍ତିପ୍ରସ୍ତର ସ୍ଥାପନ କରିଥିଲେ ମୁଖ୍ୟମନ୍ତ୍ରୀ।

ମୁଖ୍ୟମନ୍ତ୍ରୀ ଶ୍ରୀ ପଟ୍ଟନାୟକ ଆଜି ଅପରାହ୍ନରେ ହେଲିକପ୍ଟର ଯୋଗେ ଜୟପୁର ସ୍ଥିତ ଏୟାର ଷ୍ଟ୍ରିପରେ ଅବତରଣ କରିବା ପରେ ନିକଟସ୍ଥ ବାଙ୍କବିଜା ପଡିଆଠାରେ ଆୟୋଜିତ ବିଜୁ ଯୁବ ବାହିନୀ ସମାବେଶରେ ଯୋଗଦେଇଥିଲେ। ଏହି ସମାବେଶରେ କୋରାପୁଟ, ମାଲକାନଗିରି, ନବରଙ୍ଗପୁର ଓ ରାୟଗଡାର ପ୍ରାୟ ୫୦ ହଜାରରୁ ଉର୍ଦ୍ଧ୍ୱ ଯୁବ ବାହିନୀ ସଦସ୍ୟ ଯୋଗଦେଇଥିଲେ। ଏହି ଅବସରରେ ମୁଖ୍ୟମନ୍ତ୍ରୀ ୧୧୩୬.୪୧ କୋଟି ଟଙ୍କା ବ୍ୟୟ ଅଟକଳରେ ୩୧ଟି ଜନହିତକାରୀ ପ୍ରକଳ୍ପର ଉଦଘାଟନ କରିଥିଲେ। ସେଥିରେ ରହିଛି ନବନିର୍ମିତ ୪୧ଟି ଅଙ୍ଗନୱାଡି କେନ୍ଦ୍ର, ଜୟପୁର, କୋଟପାଡ ଏନଏସି, ନନ୍ଦପୁର, ଲମତାପୁଟ, କୁନ୍ଦ୍ରା, ଦଶମନ୍ତପୁର ଓ ବନ୍ଧୁଗାଁ ବ୍ଲକକୁ ପାନୀୟ ଜଳ ଯୋଗାଣ ପ୍ରକଳ୍ପ, ପଟ୍ଟାଙ୍ଗୀ ପାଇଁ ୧୩୨/୩୩ କେଭି ଗ୍ରୀଡ ସବଷ୍ଟେସନ, କୁମ୍ଭାରୀ ସେବାଶ୍ରମ ■ ୧୧ ପୃଷ୍ଠାରେ...

ସିବିଆଇ ବନାମ ପଶ୍ଚିମବଙ୍ଗ ପୁଲିସ ବିବାଦର ଶୁଣାଣି

ସିବିଆଇ ନିକଟରେ ହାଜର ହେବାକୁ ରାଜୀବ କୁମାରଙ୍କୁ ସୁପ୍ରିମ୍‌କୋର୍ଟଙ୍କ ନିର୍ଦ୍ଦେଶ

ମେଘାଳୟର ସିଲଂଠାରେ ସିବିଆଇ ନିକଟରେ ହେବେ ହାଜର ରାଜୀବ କୁମାରଙ୍କୁ ଗିରଫ କରାଯାଇପାରିବ ନାହିଁ: ସର୍ବୋଚ୍ଚ କୋର୍ଟ

।। ଏଜେନ୍ସି ।। ନୂଆଦିଲ୍ଲୀ,୫।୨:

ପଶ୍ଚିମବଙ୍ଗ ପୁଲିସ ବନାମ ସିବିଆଇ ବିବାଦ ମାମଲାରେ ସୁପ୍ରିମ୍‌କୋର୍ଟରେ ଆଜି ଶୁଣାଣି ହୋଇଛି । ସୁପ୍ରିମ୍‌କୋର୍ଟଙ୍କ ମୁଖ୍ୟ ବିଚାରପତି ରଞ୍ଜନ ଗୋଗୋଇଙ୍କ ଅଧ୍ୟକ୍ଷତାରେ ୩ ଜଣିଆ ଖଣ୍ଡପୀଠ ମାମଲାର ଶୁଣାଣି କରିଛନ୍ତି । କୋଲକାତା ପୁଲିସ କମିଶନର ରାଜୀବ କୁମାର ସିବିଆଇ ନିକଟରେ ହାଜର ହେବା ସହ ତଦନ୍ତରେ ସମ୍ପୂର୍ଣ୍ଣ ସହଯୋଗ କରିବାକୁ ସୁପ୍ରିମ୍‌କୋର୍ଟ ନିର୍ଦ୍ଦେଶ ଦେଇଛନ୍ତି । ତେବେ ରାଜୀବ କୁମାରଙ୍କୁ ସିବିଆଇ ଗିରଫ କରିପାରିବନାହିଁ ବୋଲି ସୁପ୍ରିମ୍‌କୋର୍ଟ ଅନୁରୂପ ନିର୍ଦ୍ଦେଶ ଦେଇଛନ୍ତି ।

ସିବିଆଇ ଆବେଦନ ଉପରେ ସୁପ୍ରିମ୍‌କୋର୍ଟଙ୍କ ୩ ଜଣିଆ ଖଣ୍ଡପୀଠ ଶୁଣାଣି କରିଥିଲେ । ■ ୧୧ ପୃଷ୍ଠାରେ...

ଧାରଣାରୁ ଓହରିଲେ ଦିଦି

ଉପସ୍ଥିତ ଥିଲେ ଚନ୍ଦ୍ରବାବୁ ନାଇଡୁ

।।ଏଜେନ୍ସି।। କୋଲକାତା, ୫।୨ :

ସିବିଆଇ ବନାମ କୋଲକାତା ପୁଲିସ ମଧ୍ୟରେ ଚାଲିଥିବା ବିବାଦରେ ସୁପ୍ରିମ୍‌କୋର୍ଟଙ୍କ ନିର୍ଦ୍ଦେଶ ଓ ଆଦେଶକୁ ପଶ୍ଚିମବଙ୍ଗ ମୁଖ୍ୟମନ୍ତ୍ରୀ ମମତା ବାନାର୍ଜୀ ସ୍ୱାଗତ କରିଛନ୍ତି । କୋର୍ଟଙ୍କ ରାୟ ପରେ ପଶ୍ଚିମବଙ୍ଗ ସରକାରଙ୍କ ନୈତିକ ବିଜୟ ହୋଇଛି ବୋଲି ମମତା କହିଛନ୍ତି ।

କୋର୍ଟଙ୍କ ରାୟରେ ପଶ୍ଚିମବଙ୍ଗ ସରକାରଙ୍କ ନୈତିକତାର ବିଜୟ ଘଟିଥିବା ■ ୧୧ ପୃଷ୍ଠାରେ...

କେନ୍ଦ୍ର ଅନୁଦାନ ନଦେଲେ ବି ଯୋଜନା ଜାରି ରହିବ:ମୁଖ୍ୟମନ୍ତ୍ରୀ

ନବରଙ୍ଗପୁର ଜିଲାକୁ ୧୧ଶହ କୋଟିର ପ୍ରକଳ୍ପ ଭେଟିଦେଲେ ନବୀନ

।।ପ୍ରଭାନ୍ୟୁଜ୍।। ନବରଙ୍ଗପୁର/ଡାବୁଗାଁ, ୫।୨ :

ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଆଜି ନବରଙ୍ଗପୁର ଜିଲ୍ଲା ଗସ୍ତକରି ୧୧ଶହ କୋଟି ଟଙ୍କାର ବିଭିନ୍ନ ପ୍ରକଳ୍ପ ଜିଲ୍ଲାବାସୀଙ୍କୁ ଭେଟି ଦେଇଛନ୍ତି। ଏହା ସହ ବିଭିନ୍ନ ଲୋକାଭିମୁଖୀ ଯୋଜନାର ହିତାଧିକାରୀମାନଙ୍କୁ ସହାୟତା ପ୍ରଦାନ କରିଛନ୍ତି। ଏହି ଅବସରରେ ଉମରକୋଟ ଷ୍ଟାଡିୟମ୍‌ଠାରେ ଆୟୋଜିତ ଏକ ବିଶାଳ ବିକାଶ ସମାବେଶରେ ଯୋଗଦେଇ ମୁଖ୍ୟମନ୍ତ୍ରୀ ଉଦ୍‌ବୋଧନ ଦେଇଥିଲେ। ରାଜ୍ୟସରକାରଙ୍କ ବିଭିନ୍ନ ଜନହିତକର ଯୋଜନା ସଂପର୍କରେ ସୂଚନା ଦେଇ ନବରଙ୍ଗପୁର ଜିଲ୍ଲାର ଉନ୍ନତି ଓ ବିକାଶ ନିମନ୍ତେ ରାଜ୍ୟସରକାର ସବୁବେଳେ ଚେଷ୍ଟା କରି ଆସୁଛନ୍ତି। ଏହାର ସ'ଳତା ତଥା ଜିଲ୍ଲାର ସର୍ବାଙ୍ଗୀନ ଉନ୍ନତି ଓ ବିକାଶ ପଥରେ ■ ୧୧ ପୃଷ୍ଠାରେ...

ମମତା କି ତୃଣମୂଳର କୌଣସି ନେତା ତାଙ୍କ ସହ କଥା ହୋଇନାହାନ୍ତି: ନବୀନ

।।ପ୍ରଭାନ୍ୟୁଜ୍।। ଭୁବନେଶ୍ୱର,୫ ।୨:

ପଶ୍ଚିମବଙ୍ଗ ମୁଖ୍ୟମନ୍ତ୍ରୀ ମମତା ବାନାର୍ଜୀ କି ତୃଣମୂଳ କଂଗ୍ରେସର କୌଣସି ନେତା ମୋ ସହ କଥା ହୋଇନାହାନ୍ତି ବୋଲି ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ପ୍ରକାଶ କରିଛନ୍ତି ।

ଧାରଣାରୁ ଉଠିବା ପୂର୍ବରୁ ପଶ୍ଚିମବଙ୍ଗ ମୁଖ୍ୟମନ୍ତ୍ରୀ ଓଡ଼ିଶା ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଓ ଅନ୍ୟ ବିରୋଧୀ ଦଳ ନେତାଙ୍କ ସହ କଥା ହେବି ବୋଲି ମନ୍ତବ୍ୟ ଉପରେ ପ୍ରତିକ୍ରିୟା ପ୍ରକାଶ କରି ନବୀନ ଏହା କହିଛନ୍ତି । ନବୀନ କହିଛନ୍ତି ଯେ, ଦଳ ପକ୍ଷରୁ ଦିଆଯାଇଥିବା ମନ୍ତବ୍ୟ କେବଳ ଓଡ଼ିଶାର ଘଟଣାବଳୀ ସମ୍ବନ୍ଧୀୟ ବୋଲି ସେ ସ୍ପଷ୍ଟ କରିଛନ୍ତି । ଏଥିସହ ସିବିଆଇ ନିରପେକ୍ଷ ଭାବେ ଏହାର କାର୍ଯ୍ୟ କରୁ ବୋଲି ବିଜେଡ଼ି ଚାହୁଁଥିବା ନବୀନ ଦର୍ଶାଇଛନ୍ତି ।

ଉଲ୍ଲେଖଯୋଗ୍ୟ ଯେ, କଲିକତାରେ ସିବିଆଇ-ସରକାର ମୁହାଁମୁହିଁ ପ୍ରସଙ୍ଗକୁ ନେଇ ବିଜେଡ଼ି ପକ୍ଷରୁ ■ ୧୧ ପୃଷ୍ଠାରେ...

ବିରୋଧୀଙ୍କ ହଙ୍ଗଗୋଳ, ଗୃହ କାର୍ଯ୍ୟ ଠପ୍

⇨ କଂଗ୍ରେସର ଚାଷୀଙ୍କ ରଣଛାଡ଼ ଓ ବିଜେପିର ଚିଟ୍‌ଫଣ୍ଡ ପ୍ରସଙ୍ଗକୁ ନେଇ ବିଧାନସଭା ହୁଲୁସ୍ଥୁଲ
⇨ ପୂର୍ବତନ ମନ୍ତ୍ରୀ ହରିହର କରଣଙ୍କ ବିୟୋଗରେ ଶୋକ ପ୍ରସ୍ତାବ ପାରିତ

।।ପ୍ରଭାନ୍ୟୁଜ୍।। ଭୁବନେଶ୍ୱର,୫ ।୨:

ବିରୋଧୀଙ୍କ ହଙ୍ଗଗୋଳ ଯୋଗୁ ବିଧାନସଭାର ଗୃହକାର୍ଯ୍ୟ ଚାଲିପାରିନାହିଁ । ଚାଷୀଙ୍କ ରଣଛାଡ଼ ଓ ବେକାରୀ ଭତ୍ତା ଦାବିରେ କଂଗ୍ରେସ ଗୃହର ମଧ୍ୟଭାଗରେ ତୁମୁଳ ହଙ୍ଗଗୋଳ କରିଥିବା ବେଳେ ଚିଟ୍‌ଫଣ୍ଡ ପ୍ରସଙ୍ଗରେ ବିଜେପି ସ୍ଲୋଗାନ ଲେଖାଥିବା ଗାଉନ୍ ପିନ୍ଧି ପ୍ରତିବାଦ କରିଥିଲେ । କଂଗ୍ରେସ ଓ ବିଜେପିର ସ୍ଲୋଗାନବାଜି ଯୋଗୁ ବିଧାନସଭା ପଡ଼ିଥିଲା ଉଠିଥିଲା । ଫଳରେ ଗୃହକୁ ବାଚସ୍ପତି ବାରବାର ମୁଲତବୀ ରଖିବାକୁ ପଡ଼ିଥିଲା । ବିରୋଧୀଙ୍କ ହଙ୍ଗଗୋଳ ଯୋଗୁ ଗୃହକାର୍ଯ୍ୟ ବସ୍ତୁତଃ ଠପ୍ ହୋଇଯାଇଛି ।

ମଙ୍ଗଳବାର ଗୃହକାର୍ଯ୍ୟ ଆରମ୍ଭ ହୋଇଥିଲା ପୂର୍ବାହ୍ନ ସାଢ଼େ ୧୦ଟାରେ । ଗୃହକାର୍ଯ୍ୟ ଆରମ୍ଭ ହେବା ମାତ୍ରେ ପୂର୍ବତନ ମନ୍ତ୍ରୀ ହରିହର କରଣଙ୍କ ବିୟୋଗରେ ଗୃହରେ ଶୋକ ପ୍ରସ୍ତାବ ଆଗତ କରାଯାଇଥିଲା । ସଂସଦୀୟ ବ୍ୟାପାର ମନ୍ତ୍ରୀ ବିକ୍ରମ କେଶରୀ ଆରୁଖ ଶୋକ ପ୍ରସ୍ତାବ ଆଗତ କରିଥିଲେ । ଏହାପରେ କଂଗ୍ରେସ ଦଳ ମୁଖ୍ୟସଚେତକ ତାରାପ୍ରସାଦ ବାହିନୀପତି, ବିଜେପି ବିଧାୟକ ଦଳ ନେତା କନକବର୍ଦ୍ଧନ ସିଂହଦେଓ ଓ ବାଚସ୍ପତି ■ ୧୧ ପୃଷ୍ଠାରେ...

ଆଜି ଭବାନୀପାଟଣା ଓ ରାଉରକେଲା ଆସୁଛନ୍ତି ରାହୁଲ

।।ପ୍ରଭାନ୍ୟୁଜ୍।। ଭୁବନେଶ୍ୱର,୫ ।୨:

ଆସନ୍ତା କାଲି କଂଗ୍ରେସ ଅଧ୍ୟକ୍ଷ ରାହୁଲ ଗାନ୍ଧି ଓଡିଶା ଆସିବେ। ଆସନ୍ତା କାଲି ପୂର୍ବାହ୍ନ ୧୧ଟାରେ ଶ୍ରୀ ଗାନ୍ଧି ଭବାନୀପାଟଣା ଯାଇ ସାଧାରଣ ସଭାରେ ଯୋଗଦେବେ। ଏହାପରେ ରାଉରକେଲାଠାରେ ଆୟୋଜିତ ହେବାକୁ ଥିବା ଅନ୍ୟଏକ ସଭାରେ ମଧ୍ୟ ଉଦବୋଧନ ଦେବେ। ଏଥିପାଇଁ ଉଭୟ କଳାହାଣ୍ଡି ଓ ସୁନ୍ଦରଗଡ ଜିଲ୍ଲାରେ କଂଗ୍ରେସ ନେତା ଓ କର୍ମୀଙ୍କ ଭିଡ ଜମିଲାଣି। କଂଗ୍ରେସ ପୋଷ୍ଟର ଓ ପତାକାରେ ଛାଇ ହୋଇ ଯାଇଛି ଉଭୟ ସହର। ଗତ ୧୨ଦିନ ଭିତରେ ରାହୁଲଙ୍କ ଏହା ଦ୍ୱିତୀୟ ଓଡ଼ିଶା ଗସ୍ତ। ରାହୁଲଙ୍କ ଦୁଇ ଦୁଇ ଥର ଗସ୍ତକୁ ନେଇ ରାଜ୍ୟ କଂଗ୍ରେସ ପୁରା ଜୋସରେ ରହିଛି। ■ ୧୧ ପୃଷ୍ଠାରେ...

୭ରୁ ଉପକୂଳରେ ଘନ କୁହୁଡି ଓ ବର୍ଷା

।।ପ୍ରଭାନ୍ୟୁଜ୍।। ଭୁବନେଶ୍ୱର,୫ ।୨:

ଫେବୃୟାରୀ ୭ ତାରିଖରୁ ୯ ତାରିଖ ମଧ୍ୟରେ ଉପକୂଳ ଓଡ଼ିଶାରେ ଘନ କୁହୁଡି ଦେଖାଯିବାର ସମ୍ଭାବନା ରହିଥିବା ବେଳେ ୮ ରୁ ୯ ତାରିଖ ମଧ୍ୟରେ ଉତର ଓ ଆଭ୍ୟନ୍ତରୀଣ ଜିଲ୍ଲାଗୁଡ଼ିକରେ କୁଆପଥର ସହ ବର୍ଷା ହୋଇପାରେ ପାଣିପାଗ ବିଭାଗ ପକ୍ଷରୁ ସୂଚନା ଦିଆଯାଇଛି।

ସୁନ୍ଦରଗଡ, ଝାରସୁଗୁଡା, ସମ୍ବଲପୁର, ବରଗଡ଼, ଦେବଗଡ, ବଲାଙ୍ଗୀର, ସୋନପୁର, କେନ୍ଦୁଝର, ମୟୁରଭଞ୍ଜ, ବାଲେଶ୍ୱର ଏବଂ ଯାଜପୁର ପ୍ରଭୃତି ଜିଲ୍ଲାଗୁଡ଼ିକରେ ଫେବୃୟାରୀ ୮ ତାରିଖରେ ବର୍ଷା ହେବାର ସମ୍ଭାବନା ରହିଥିବା ବେଳେ ସେହିଦିନ ଆଭ୍ୟନ୍ତରୀଣ ଓଡ଼ିଶାରେ ମଧ୍ୟମ ଧରଣର କୁହୁଡି ହେବାର ସମ୍ଭାବନା ରହିଛି।

ଓ୍ୱେଷ୍ଟର୍ଣ୍ଣ ଡିଷ୍ଟରବାନ୍ସ ଯୋଗୁଁ ଉଭୟ ଦିନ ଏବଂ ରାତିର ତାପମାତ୍ରା ଫେବୃୟାରୀ ୭ ତାରିଖ ପର୍ଯ୍ୟନ୍ତ ବଢ଼ିପାରେ। ■ ୧୧ ପୃଷ୍ଠାରେ...

ବୃଦ୍ଧ ଦମ୍ପତିଙ୍କୁ ବୀଭତ୍ସ ହତ୍ୟା

ଚାଉଳ ଓ ଟଙ୍କା ପାଇଁ ମାରି କୂଅରେ ଫିଙ୍ଗିଦେଲେ, ୩ ଅଟକ

।। ପ୍ରଭାନ୍ୟୁଜ୍ ।।
କେନ୍ଦୁଝର, ୫।୨:

ସାମାନ୍ୟ କେତେ ଟଙ୍କା ଓ କିଛି ଚାଉଳ ପାଇଁ ଗୋଟିଏ ପରିବାରର ବୃଦ୍ଧ ଦମ୍ପତିଙ୍କୁ ବିଭତ୍ସ ଭାବେ ହତ୍ୟା କରିଛନ୍ତି ଦୁର୍ବୃତ୍ତ। ହତ୍ୟା ପରେ ଏକ ପରିତ୍ୟକ୍ତ କୂଅରେ ଶବକୁ ପକାଇ ଦେବା ପରି ଲୋମହର୍ଷଣ ଘଟଣା ଦେଖିବାକୁ ମିଳିଛି କେନ୍ଦୁଝରରେ। ଦୀର୍ଘ ମାସେ ପରେ ମଙ୍ଗଳବାର ଦିନ ଘଟଣା ସମ୍ପର୍କରେ ଜଣାପଡିବା ପରେ ପୁଲିସ ଗଳିତ ଶବକୁ ଉଦ୍ଧାର କରିବା ସହ ତିନି ଜଣକୁ ଅଟକ ରଖି ତଦନ୍ତ ଚଳାଇଛି। ମୃତ ଦମ୍ପତି ସଦର ଥାନା ଖୁଣ୍ଟାକଟା ଗ୍ରାମର ନିଲୁ ନାଏକ ଓ ତାଙ୍କ ସ୍ତ୍ରୀ କସ୍ତୁରୀ ନାଏକ ବୋଲି ଜଣାପଡିଥିବା ବେଳେ ଘଟଣାଟି ଅଞ୍ଚଳରେ ଚାଞ୍ଚଲ୍ୟ ଖେଳାଇଦେଇଛି। ■ ୧୧ ପୃଷ୍ଠାରେ...

MCL

ମହାନଦୀ କୋଲଫିଲ୍ଡସ୍ ଲିମିଟେଡ
କୋଲ ଇଣ୍ଡିଆ ଲିମିଟେଡର ଏକ ସହାୟକ କମ୍ପାନୀ)
ଜାଗୃତି ବିହାର, ବୁର୍ଲା-୭୬୮୦୨୦, ଜିଲ୍ଲା-ସମ୍ବଲପୁର (ଓଡ଼ିଶା)
ଟେଲିଫୋନ (ଇପିଏବିଏକ୍ସ) : ୦୬୬୩-୨୫୪୨୪୬୧ ବୁ ୪୬୯, ୱେବସାଇଟ୍ : http://www.mahanadicoal.in

ଇ-ଟେଣ୍ଡର ବିଜ୍ଞପ୍ତି

ମହାନଦୀ କୋଲଫିଲ୍ଡସ୍ ଲିମିଟେଡର ନିମ୍ନଲିଖିତ ଇ-ଟେଣ୍ଡରଗୁଡ଼ିକ କୋଲ ଇଣ୍ଡିଆ ଲିମିଟେଡର ଇ-ଟେଣ୍ଡର ପୋର୍ଟାଲ (https://coalindiatender.nic.in)ରେ ପ୍ରଦର୍ଶିତ କରାଯାଇଛି ଏବଂ ଏହା ମଧ୍ୟ କେନ୍ଦ୍ରୀୟ ସାର୍ବଜନିକ ପୋର୍ଟାଲ (https://eprocure.gov.in)ରେ ଦିଆଯାଇଛି। ଅଧିକ ବିବରଣୀ ପାଇଁ ଦୟାକରି ଏହି ୱେବସାଇଟକୁ ପରିଦର୍ଶନ କରନ୍ତୁ।

କ୍ରମ. ସଂ.	ଟେଣ୍ଡର ଆଇଡି	କାର୍ଯ୍ୟ/ସେବାର ନାମ	ଟେଣ୍ଡରର ମୂଲ୍ୟ (ଟଙ୍କାରେ)
1	2019_MCL_128965_1	PROCUREMENT OF GREASE PUMP FOR HYD EXCAVATOR TATA 1200.	80843.00
2	2019_MCL_129059_1	PROCUREMENT OF GYMNASIUM EQUIPMENTS.	2118053.00
3	2019_MCL_129070_1	PROCUREMENT OF BELT AND FAN FOR HYD EXCAVATOR TATA 1200.	104413.00
4	2019_MCL_129112_1	PROCUREMENT OF UNBALANCED MOTOR EXCITER AND BEARING FOR FEEDER.	1308694.00
5	2019_MCL_129022_1	Annual contract for collection, loading and unloading / stacking of store materials for a period of 02(two) years at Jagannath colliery under Jagannath Area.	950570.00
6	2019_MCL_129045_1	Operation and Guarding of Integrated Mines ETP MDTP at JNC near Ananta Siding No. 5 and 6 for a period of 02 (two) years.	1147011.00
7	2019_MCL_129062_1	Providing R.C.C drain with cover on the road near Maa Kalimandir at JNC under Jagannath Area.	660015.00
8	2019_MCL_129064_1	Providing both side approach to newly constructed under pass for coal transportation road at Mines and CHP of Ananta OCP.	7543191.00
9	2019_MCL_129068_1	Replacement of CGI sheet roofing in clear water tank, pump shed, P/F concertina fencing around boundary wall and other development works at Jagannath pressure filter at Balanda under Jagannath Colliery, Jagannath Area.	1517964.00
10	2019_MCL_129100_1	Annual Maintenance Contract of Quarry Lighting for Overhead line erection/ maintenance work with erection/dismantle of light fitting as required mounted on poles/structures etc. at Ananta OCP of Jagannath Area for a period of one year.	1871356.00
11	2019_MCL_129119_1	Supply of Cotton Waste.	139570.00
12	2019_MCL_129111_1	Procurement of Radiant drill spares for Nandira Colliery MCL Talcher Area.	246785.00
13	2019_MCL_128977_1	Fogging operation in NSCH premises and Regional Hospital premises and Spraying of anti-larva in residential and non-residential drainage to control dengue of NSCH, CH Area Talcher (For a period of two years).	573803.00
14	2019_MCL_128885_1	Main Pump (Part No. 817HM01027).	18905600.00
15	2019_MCL_128910_1	CAT 988H Pay loader Spares.	25900286.00
16	2019_MCL_129166_1	Supply of spares for Rotating Assly of EST 200/250 Pump at IWSS Lingaraj Area (Exclusively for OEM).	343236.00
17	2019_MCL_129092_1	Hiring of 01 No. Bolero/Sumo or equivalent covered vehicle 7 seater with AC fitted (Diesel) with 12 hrs duty, maximum 3500 km run per month for 706 days in 02 years for EnM Department at Bharatpur Area, MCL.	890266.00
18	2019_MCL_129145_1	Annual Maintenance Contract of feeder breakers and belt conveyors of 06 nos. CHP installed at Lingaraj OCP of Lingaraj Area for a period of one year as and when required.	2463766.00
19	2019_MCL_129135_1	Operation and upkeeping of main canteen for a period of two years at Jagannath colliery under Jagannath Area.	2891591.00
20	2019_MCL_129137_1	Manual removal of slush, muck etc. of level crossing near Light vehicle shed at Jagannath Colliery under Jagannath Area for a period of 02(two) years.	766891.00
21	2019_MCL_129182_1	Day to day cleaning of coal, mud etc in and around the Static and In-motion Weighbridges of Jagannath OCP of Jagannath Area for a period of two years.	2191935.00
22	2019_MCL_129208_1	Construction of temporary Coal Transportation Road inside mine at Jagannath Colliery under Jagannath Area. (Re-tender).	9192219.00
23	2019_MCL_129215_1	PROCUREMENT OF SILICON RUBBER INSULATED AND GLASS FIBRE COATED TINNED COPPER WIRE.	179950.00
24	2019_MCL_129242_1	Temporary coal transportation road from near water loading point to CHP via Medicine garden at Ananta OCP. (Re-tender).	8838492.00
25	2019_MCL_129186_1	Day to Day cleaning of Project Office and Workshop Complex at LOCP of IB Valley Area for two years.	3131942.00
26	2019_MCL_129240_1	Procurement of Drum Cartridge and Toner Cartridge for Xerox machine.	66004.00
27	2019_MCL_129173_1	SUPPLY OF AC SPARES FOR HEMM WORKING AT SOCP.	2899208.00
28	2019_MCL_129184_1	PROCUREMENT OF X-RAY FILM.	250882.00
29	2019_MCL_129187_1	PROCUREMENT OF M.S ELECTRODE.	177472.00
30	2019_MCL_129263_1	Providing and fixing work for restoration of in-motion Rail Weighbridge no 01 installed at DLB silding at Lingaraj Area, MCL.	420200.00
31	2019_MCL_129123_1	Improvement of Beji Bandh Kanta (pond) and construction of new bathing ghat and steps under Piplikani Gram Panchayat at Belpahar OCM of Lakhanpur Area.	4263876.00
32	2019_MCL_129162_1	Construction of urinal, toilet and bathroom for Majhipada school in Bandhbahal G.P. under CSR work of Lakhanpur Area.	435674.00
33	2019_MCL_129239_1	White washing and distempering of 132 KV control substation at Jorabaga of Lakhanpur Area.	212729.00
34	2019_MCL_129341_1	Procurement of HISAFE DU 68 for SDLs of Nandira Colliery MCL Talcher Area.	627200.00
35	2019_MCL_129249_1	Installation of roof sheeting and repair, maintenance of Central Garage near VT center at Talcher Area (Re-Tender).	875525.00
36	2019_MCL_129384_1	Repairing of toilet (Ladies and Gents) with septic Tank etc. at staff Club MRS Colony, Orient Area.	353553.00
37	2019_MCL_129250_1	Repairing/Reconditioning of under carriage spares of BD-355 dozer SL no. G-11256 working at HOCP, HA.	463068.00
38	2019_MCL_129376_1	Supply of VHF Sets at Lingaraj OCP.	960285.00
39	2019_MCL_129447_1	Supply of Lubricants.	351449.00
40	2019_MCL_129337_1	Removal of muck and spillage coal along the Conveyors, Truck Receiving Hoppers, Jammed Chutes/ Vibratory Feeders, Silo Track, etc. of the plant CHP with Silo Loading Arrangement at Bharatpur Siding, Bharatpur Area, MCL for 180 days in Two Shifts.	4429800.00
41	2019_MCL_129433_1	PROCUREMENT OF CATRIDGES FOR THE COLOUR PRINTER HP LASER.	59328.00
42	2019_MCL_129406_1	Construction of Merci Memorial Children Home (1 no of room/hall) for Orphans at Daniel Public School under CSR head of IB Valley Area for the year 2018-19.	1203508.00
43	2019_MCL_129403_1	Hiring of 01 no. Air Conditioned 7 seater (6 plus 1) Hard Top diesel jeep or equivalent SUV, max 4000 Km run per month, 24 hrs. duty for two year (341 days per year) for SOCP, IB Valley Area.	1751785.00
44	2019_MCL_129423_1	Construction of 01 no of Hall for Girls Hostel,repairing works of 03 nos of existing rooms of Narsingh High School, Chhualiberna under CSR head of IB Valley Area.	1307118.00
45	2019_MCL_129462_1	Construction of Reception Centre-Cum-Rest shed for Sr.Citizen/Distress Lady and General Public in District Police Office under CSR Work at IB Valley Area.	2388634.00
46	2019_MCL_129489_1	Hiring of 01 no. Air Conditioned 7 seater (6 plus 1) Hard Top diesel jeep or equivalent SUV, max 4000 Km run per month, 24 hrs duty for two year (341 days per year) for SOCP, IB Valley Area.	1751785.00
47	2019_MCL_129477_1	Hiring of one no. AC running covered jeep (Bolero or equivalent) having seating capacity 6 plus 1 on 12 hours duty basis, max run 2500 km/month, for 02 years (682 days) for Lakhanpur OCP, Lakhanpur Area, MCL.	907742.00
48	2019_MCL_129484_1	Procurement of Underground Light fittings for Talcher and Nandira Colliery MCL Talcher Area.	1006080.00
49	2019_MCL_129470_1	Hiring of Vehicle.	688152.00
50	2019_MCL_129473_1	Supply of Spares for BE-300 Hyd Excavator and 50 M Dumper.	430854.00
51	2019_MCL_129397_1	PROCUREMENT OF PATHOLOGICAL REAGENTS.	1129732.00
52	2019_MCL_129509_1	Supply on rent with installation and maintenance of 51 Nos. Air Coolers (Including Transportation cost) for summer season 2019 for 90 days at CWS IB Valley, Bandhabahal, MCL.	153663.00
53	2019_MCL_129529_1	Hiring of Pay Loaders for Mechanical Transfer of Coal into Railway Wagons at Deulbera Siding under the control of Lingaraj OCP, Lingaraj Area.	32199132.00
54	2019_MCL_129560_1	Supply of spares for IDM-30 drill machine at Lingaraj OCP (Exclusively for OEM).	293291.00
55	2019_MCL_129503_1	Procurement of DGMS approved intrinsically safe LED portable miner Cap Lamp complete with charging racks for use in MCL Underground coal mines. Qty- 01 Set. (01 Set cons